To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ପୃଥିବୀ ପରି ଜୀବଜଗତ ଥିବା ଗ୍ରହ ମିଳିବା ଆଶା ବଢ଼ିଲା, ନାସା ଦ୍ୱାରା ୯୫ଟି ନୂଆ ଗ୍ରହ ଆବିଷ୍କୃତ ।



R.N.I. No.-42041/83 Vol-15, Issue No.226, ଭଦ୍ରକ, ଶନିବାର, ୧୭, ଫେବୃୟାରୀ ୨୦୧୮ ■ Bhadrak, Saturday, 17 February 2018 Rs. 2.00 Pages-8

ହାଇକୋର୍ଟରେ ଚାଲିବ କୁନ୍ଦୁଲି ମାମଲା: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୬।୨ : ବହୁ ଚର୍ଚ୍ଚିତ କୁନ୍ଦୁଲି ଗଣଦୁଷ୍କର୍ମ ଓ ଆତ୍ମହତ୍ୟା ମାମଲାକୁ ହାଇକୋର୍ଟକୁ ସ୍ଥାନାନ୍ତର କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଘଟଣାର ସିବିଆଇ ତଦନ୍ତ ହେବ କି ନାହିଁ ସେ ନେଇ ଉଚ୍ଚ ନ୍ୟାୟାଳୟ ଶୁଣାଣି କରିବେ । ପୀଡ଼ିତାଙ୍କ ଭାଇଙ୍କ ପକ୍ଷରୁ ଦାୟର କରାଯାଇଥିବା ରିଟ୍ ପିଟିସନ୍ ଉପରେ ଶୁଣାଣୀ କରି ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଏହା କହିଛନ୍ତି । ଆଜି କୁନ୍ଦୁଲି ଗଣଦୁଷ୍କର୍ମ ଓ ଆତ୍ମହତ୍ୟା ମାମଲାର ସିବିଆଇ ତଦନ୍ତ ଦାବିରେ ପୀଡ଼ିତାଙ୍କ ଭାଇ ଭଗବାନ ଛାତି ରିଟ୍ ପିଟିସନ୍ ଦାଖଲ କରିଥିଲେ । ଏହା ଉପରେ ଆଜି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଆଦର୍ଶ କୁମାର ଗୋଏଲ ଓ ଉଦୟ ଉମେଶ ଲଳିତଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ମାମଲାର ଶୁଣାଣୀ କରିଥିଲେ । ଯେହେତୁ ସମାନ ଦାବି ନେଇ ଓଡ଼ିଶା ହାଇକୋର୍ଟରେ ୫ଟି ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି ସେଥିପାଇଁ ଏହି ମାମଲାର ଶୁଣାଣୀ ହାଇକୋର୍ଟ କରିବେ ବୋଲି ଖଣ୍ଡପୀଠ କହିଛନ୍ତି । ଅନ୍ୟପକ୍ଷରେ ଯେହେତୁ ହାଇକୋର୍ଟରେ ବିଚାରପତିଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି ତେଣୁ ମାମଲାର ଶୁଣାଣୀରେ ବିଳମ୍ବ ହେବ ବୋଲି ଆବେଦନକାରୀଙ୍କ ଓକିଲ ସାର୍ଥକ ନାୟକ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଯଦି ହାଇକୋର୍ଟ ଉଚିତ ଶୁଣାଣୀ ନ କରନ୍ତି ତେବେ ସୁପ୍ରିମକୋର୍ଟରେ ପୁନଃ ଆବେଦନ କରିବୁ ବୋଲି ଓକିଲ କହିଛନ୍ତି । ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀ କହିଛନ୍ତି, କୁନ୍ଦୁଲି ଘଟଣାରେ ଆମେ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ଚାହୁଁଛୁ । ସେଥିପାଇଁ ଏସ୍ଆଇଟି ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, କୁନ୍ଦୁଲି ମାମଲାର ସିବିଆଇ ତଦନ୍ତ ଦାବି ଗତ ୭ ତାରିଖ ଦିନ ପୀଡିତାଙ୍କ ଭାଇ ଭଗବାନ ଛାତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ରାଜ୍ୟ ପୋଲିସ ଉପରେ ବିଶ୍ୱାସ ନାହିଁ । ତେଣୁ ପ୍ରକୃତ **(ପୃଷ୍ଠା-୭)**

ଆମେ ନିରପେକ୍ଷ ତଦନ୍ତ ଚାହୁଁ : ନବୀନ

ନରସିଂହ ବିଜେଡ଼ିରେ ମିଶିବା ପ୍ରସଙ୍ଗ

ନବୀନଙ୍କ ଖଣ୍ଡନ

ଭୁବନେଶ୍ୱର, ୧୬।୨ (ସକାଳ ଖବର): ନୂଆଦିଲ୍ଲୀରେ ନବୀନଙ୍କ ବାସଭବନରେ କଂଗ୍ରେସ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ ସୌଜନ୍ୟମୂଳକ ଥିଲା । ଏହି ସାକ୍ଷାତରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ଥିଲା । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ହୋଇଥିବା ସାକ୍ଷାତ ମଧ୍ୟ ସୌଜନ୍ୟମୂଳକ ଥିଲା । ଏହା କହିଛନ୍ତି ଖୋଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନୂଆଦିଲ୍ଲୀ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ଦ୍ଧାରିତ ସମୟର ଗୋଟିଏ ଦିନ ପୂର୍ବରୁ ଓଡ଼ିଶା ଫେରିଛନ୍ତି । ଓଡ଼ିଶା ଫେରିବା ପରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ । ହକି ଇଣ୍ଡିଆ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଥିବା ବେଳେ ଗତକାଲି ବିରୋଧୀ ଦଳ ନେତା ନରସିଂହ ନବୀନଙ୍କ ବାସଭବନରେ ତାଙ୍କୁ ଭେଟିଥିଲେ । ଯାହାକୁ ନେଇ ରାଜ୍ୟ ରାଜନୀତିରେ ଏକ ଆଲୋଡ଼ନ ସୃଷ୍ଟି ହୋଇଥିଲା । ତେବେ ଏହି ଆଲୋଚନାରେ ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ମୁଖ୍ୟମନ୍ତ୍ରୀ । ନବୀନ କହିଛନ୍ତି ହକି ଇଣ୍ଡିଆ କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ନରସିଂହ ମିଶ୍ର ମୋତେ ଭେଟିବାକୁ ଆସିଥିଲେ । ନରସିଂହ ମିଶ୍ର ବିଜେଡିରେ ଯୋଗ ଦେବା ନେଇ ବୋଲି ଯେଉଁ ଚର୍ଚ୍ଚା ହେଉଥିଲା ତାହାକୁ ଖଣ୍ଡନ କରିଛନ୍ତି ମୁଖ୍ୟମନ୍ତ୍ରୀ । ସେ କହିଛନ୍ତି ଉଭୟ ବିଜେପି ଓ କଂଗ୍ରେସଠାରୁ ବିଜେଡ଼ି ସମଦୂରତା ରକ୍ଷା କରୁଛି । ସେହିପରି ଦିଲ୍ଲୀ ଗସ୍ତ ଦିନ ପ୍ରଧାନମନ୍ତ୍ରୀଙ୍କ ସହ ଭେଟି ତାଙ୍କୁ ଦ ଟଲ୍ ମ୍ୟାନ୍' ପୁସ୍ତକ ପ୍ରଦାନ କରିଥିଲି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ପରୀକ୍ଷା ପେ ଚର୍ଚ୍ଚା

ଆତ୍ମବିଶ୍ୱାସ ଲୋଡା

ଛାତ୍ରଛାତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ୨ଘଣ୍ଟା ମତବିନିମୟ

ନୂଆଦିଲ୍ଲୀ, ୧୬।୨: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ପରୀକ୍ଷା ସମ୍ପର୍କିତ ବିଷୟ ଉପରେ ଛାତ୍ରଛାତ୍ରୀଙ୍କ ସହିତ ଟାଉନ ହଲ ଅଧିବେଶନରେ ମତବିନିମୟ କରିଥିଲେ। ନୂଆଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ସିଧାସଳଖ ଉତର ଦେଇଥିଲେ। ଏଥିସହିତ ଛାତ୍ରଛାତ୍ରୀ ତାଙ୍କୁ ବିଭିନ୍ନ ଟିଭି ନ୍ୟୁଜ ଚାନେଲ, ନରେନ୍ଦ୍ର ମୋଦୀ ମୋବାଇଲ ଆପ ଏବଂ ମାଇଁ ଗଭ ପ୍ଲାଟଫର୍ମରେ ପ୍ରଶ୍ନ ପଚାରିଥିଲେ। ଆଲୋଚନା ଆରମ୍ଭ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଟାଉନହଲ ପରିସରକୁ ସେ ଛାତ୍ରଛାତ୍ରୀଙ୍କ ବନ୍ଧୁ, ଏବଂ ସେମାନଙ୍କ ଅଭିଭାବକ ଓ ପରିବାର ସଦସ୍ୟ ଭାବେ ଆସିଛନ୍ତି। ସେ କହିଥିଲେ ଯେ ସେ ବିଭିନ୍ନ ପ୍ଲାଟଫର୍ମ ଜରିଆରେ ସେ ସାରା ଦେଶର ୧୦ କୋଟି ଲୋକଙ୍କ ସହିତ କଥାବାର୍ତା କରୁଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଶିକ୍ଷକମାନଙ୍କୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଶିକ୍ଷକମାନେ ତାଙ୍କୁ ଦେଇଥିବା ଶିକ୍ଷା କାରଣରୁ ଆଜି ମଧ୍ୟ ସେ ନିଜ ଭିତରେ ଥିବା ଛାତ୍ର ଭାବନାକୁ ଉଜ୍ଜୀବିତ ରଖିପାରିଛନ୍ତି। **(ପୃଷ୍ଠା-୭)**

ବିଜେପୁର ପ୍ରଚାର ମଇଦାନରେ ହେଭିୱେଟ୍

ପାତର ଅନ୍ତର ନୀତିରେ ଚାଲୁଛି ସରକାର: ସ୍ୱାଧୀ ନିରଞ୍ଜନ

ବିଜେପୁର/ଭୁବନେଶ୍ୱର, ୧୬।୨ (ସକାଳ ଖବର): ଭାରତୀୟଜନତା ପାର୍ଟିବିଜେପୁର ନିର୍ବାଚନ ମଣ୍ଡଳୀରେ ଆଜି ୧୦ମ ଦିନରେ ପ୍ରଚାର ଅଭିଯାନରେସ୍ୱାଧୀ ନିରଞ୍ଜନା ଜ୍ୟୋତିଙ୍କୁ ପ୍ରଚାର ମୈଦାନରେ ଓହ୍ଲାଇଛି। ଏଠାରେ ସୂଚନାଯୋଗ୍ୟ ଯେ ଗତ ୧୦ ଦିନ ଧରିବିଜେପି ନିଜର ଧୁଆଁଧାର ପ୍ରଚାର ସହିତ ବିଭିନ୍ନକେନ୍ଦ୍ରମନ୍ତ୍ରୀଙ୍କର ତୁହାକୁତୁହା ଗସ୍ତ ଓ ଓଡ଼ିଆସିନେ ଷ୍ଟାରମାନଙ୍କରଗାଁକୁଗାଁ ଅଭିଯାନ ପଛରେ ପକାଇଛି ଅନ୍ୟ ବିରୋଧୀ ଦଳମାନଙ୍କୁ।ବିଜେପି ପ୍ରାର୍ଥୀଶ୍ରୀ ଅଶୋକ ପାଣିଗ୍ରାହୀଙ୍କସପକ୍ଷରେ ଏକ ସୁବିଧାଜନକସ୍ଥିତିଉପୁଜିଥିବା ଦେଖାଯାଏ। ଏହି ପରିପ୍ରେକ୍ଷୀରେସ୍ୱାଧୀ ନିରଞ୍ଜନ ଜ୍ୟୋତି ନିଜ ପ୍ରଚାର ଅଭିଯାନରେଗୋଇସିଲଟବ୍ଲକ ଅନ୍ତର୍ଗତବିଭିନ୍ନ ଅଚ*ଳ ଗସ୍ତ କରିଥିଲେ।ସେ ନିଜ ପ୍ରତିକ୍ରିୟାରେଓଡ଼ିଶାରେ ୧୭ ବର୍ଷ ଧରି ନବୀନବାବୁଙ୍କ ନେତୃତ୍ୱରେ ଚାଲିଥିବା ବିଜେଡ଼ି ସରକାରକୁ ପାତର ଅନ୍ତର ନୀତିରେଚାଲିଥିବା ଅଭିଯୋଗକରିବାସହିତଏହି ଦୁରାଚାରି ସରକାରକୁ ନିପାତ କରିବା ନିମନ୍ତେ ଜନସାଧାରଣଙ୍କୁ ବିଜେପି ନେତୃତ୍ୱରେ ଏକଜୁଟହେବା ପାଇଁ ଆହ୍ୱାନ ଦେଇଥିଲେ। ଭାରତର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦି ଓଡ଼ିଶାରେବିଶେଷକରି ବରଗଡ଼ଜିଲ୍ଲାକୁ ଗରିବକଲ୍ୟାଣର ପ୍ରୟୋଗଶାଳା କରିବାକୁ ଚାହୁଁଥିବା ବେଳେ ଏଠାରେ ଚାଲିଥିବା ରାଜ୍ୟସରକାର ଏଥିରେବାଧା ଉପୁଯାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଗଣତନ୍ତ୍ର ପ୍ରତିବିପଦର ଘଂଟି । ସେଥିପାଇଁବେଳକୁସାବଧାନ ହେବାପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟସଂପାଦକ ଶ୍ରୀ ସୁରେଶ ପୁଜାରୀ ଓ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ଉପସ୍ଥିତ ଥିଲେ। ବିଜେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ କାର୍ଯ୍ୟକ୍ରମରେ ସିନେ ଅଭିନେତ୍ରୀ ପିଙ୍କି ପ୍ରଧାନ, ହାସ୍ୟ ଅଭିନେତା ହରିହର ମହାପାତ୍ର, ପ୍ରଖ୍ୟାତ ଅଭିନେତ୍ରୀ ମହେଶ୍ୱତାରାୟ, ଖାତିସଂପନ୍ନ ଅଭିନେତା ଅଜିତ୍ ଦାସ ପ୍ରମୁଖ ବିଭିନ୍ନ ଅଞ୍ଚଳ ଗସ୍ତ କରି ବିଜେପି ପ୍ରାର୍ଥୀଶ୍ରୀ ଅଶୋକ ପାଣିଗ୍ରାହୀଙ୍କ ପାଇଁ ପଦ୍ମଫୁଲ ଚିହ୍ନରେଭୋଟ ଦେବା ପାଇଁ ନିବେଦନ କରିଥିଲେ।

ବିଜେଡିର ଷ୍ଟାର ପ୍ରଚାରକଙ୍କୁ ଦେଖିବାକୁ ଭିଡ଼

ବିଜେପୁର ଉପନିର୍ବାଚନ ଜିଣିବାକୁ ଶାସକ ବିଜେଡି ନିଜର ପ୍ରଚାର କାର୍ଯ୍ୟକ୍ରମ ଜୋରସୋରରେ ଚଳାଇଛି । ଏହିକ୍ରମରେ ଶୁକ୍ରବାର ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ବିଜେଡି ତାର ଷ୍ଟାର ପ୍ରଚାରକଙ୍କୁ ପ୍ରଚାରରେ ସାମିଲ କରିଥିଲା । ସେମାନଙ୍କ ମଧ୍ୟରେ ଆକାଶ ଦାସ ନାୟକ, ସିଦ୍ଧାନ୍ତ ମହାପାତ୍ର ଓ ଅନ୍ୟମାନଙ୍କୁ ଏଥିରେ ସାମିଲ କରିଥିଲା । ଏମାନଙ୍କୁ ଦେଖିବା ପାଇଁ ବହୁ ଭିଡ଼ ଜମିଥିବା **(ପୃଷ୍ଠା-୭)**

କଂଗ୍ରେସ ଜିତିବ : ଶ୍ରୀକାନ୍ତ

ବିଜେପୁର ଉପ ନିର୍ବାଚନର ଫଳାଫଳ କଂଗ୍ରେସ ପକ୍ଷକୁ ଆସିବ ବୋଲି ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଏହି ଉପ ନିର୍ବାଚନରେ ଏବେ ପ୍ରଚାରରୁ ଯାହା ଦେଖାଯାଉଛି କଂଗ୍ରେସ ୧ ନମ୍ବରରେ ରହିଛି । ବିଜେପି ବିଜେଡ଼ି ପ୍ରତି ଲୋକମାନେ ମୁହଁ ବୁଲାଇଦେଇଛନ୍ତି । ଉଭୟ ଲୋକପ୍ରିୟତା ହରାଇଛନ୍ତି । ୨ ନମ୍ବର ପାଇଁ ସେମାନଙ୍କ ଭିତରେ ଲଢ଼େଇ ହେବ । ଏହି ସ୍ଥାନରେ କିଏ ରହିବ ବୋଲି ପ୍ରଶ୍ନ ହେବାରୁ ସେ କହିଥିଲେ ଯେ, ସେମାନଙ୍କୁ ପଚାରିଲେ ସେ କହିବେ । ଏହି ନିର୍ବାଚନ ପ୍ରଚାର ଲାଗି **(ପୃଷ୍ଠା-୭)**

କଣ୍ଟ୍ରାକ୍ଟରଙ୍କୁ ହତ୍ୟା

ଭୁବନେଶ୍ୱର, ୧୬।୨ (ସକାଳ ଖବର): ରାଜ୍ୟର ଅନ୍ୟତମ ସୁପରକ୍ଲାସ କଂଟ୍ରାକଟର ଶିବ ସୁନ୍ଦର ଦାସଙ୍କୁ କେତେକ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି । ହତ୍ୟା କରିବା ପରେ ସମ୍ପୃକ୍ତ ଦୁର୍ବୃତମାନେ ବାଇକରେ ଚଢ଼ି ମାଓବାଦୀ ଜିନ୍ଦାବାଦ ସ୍ଲୋଗାନ ଦେଇ ଚାଲିଯାଇଥିଲେ । ଖବରନେବାରେ ଜଣାଯାଇଛି ଯେ, ୭ ଜଣ ଦୁର୍ବୃତ ତିନୋଟି ବାଇକରେ ଆସି ଶ୍ରୀ ଦାସଙ୍କୁ ଗୁଳିକରି ହତ୍ୟା କରିଥିଲେ । ବାଜିବାହାଲି ଗ୍ରାମରେ ଥିବା କ୍ୟାମ୍ପ **(ପୃଷ୍ଠା-୭)**

ନଦୀ ଉପରେ କୌଣସି ରାଜ୍ୟର ମାଲିକାନା ନାହିଁ : ସୁପ୍ରିମକୋର୍ଟ

କାବେରୀ ଜଳ ବିବାଦର ପ୍ରକାଶ ପାଇଲା ରାୟ

ନୂଆଦିଲ୍ଲୀ, : ଦେଶର ଥିବା ନଦୀ ଉପରେ କୌଣସି ରାଜ୍ୟର ମାଲିକାନାର ଅଧିକାର ନାହିଁ । ବହୁଚର୍ଚ୍ଚିତ କାବେରୀ ଜଳ ବିବାଦର ଶୁଣାଣୀ କରି ସର୍ବୋଚ୍ଚ ନ୍ୟାୟାଳୟ ଏହା କହିଛନ୍ତି । ଦୀର୍ଘଦିନ ଧରି ବିବାଦରେ ଥିବା କାବେରୀ ନଦୀ ଜଳ ବିବାଦର ଆଜି ସର୍ବୋଚ୍ଚ ନ୍ୟାୟଳୟଙ୍କ ରାୟ ପ୍ରକାଶ ପାଇଛି । ସୁପ୍ରିମକୋର୍ଟ କାବେରୀ ନଦୀର ଜଳ ଆବରଣ୍ଟନ କରି ତାମିଲନାଡ୍ରୁକୁ ୧୭୭.୨୫ ଟିଏମ୍ସି ଜଳ ଦେଇଥିବାବେଳେ କର୍ଣ୍ଣାଟକ ଲାଭବାନ ହୋଇଛି । ତାମିଲନାଡୁକୁ ମିଳିବାକୁ ଥିବା ଜଳ ମାତ୍ରା ହ୍ରାସ କରାଯାଇଛି । ଗତବର୍ଷ ସେପ୍ଟେମ୍ବର ୨୦ ତାରିଖରେ ସୁପ୍ରିମକୋର୍ଟର ପ୍ରଧାନବିଚାରପତି ଦୀପକ ମିଶ୍ରଙ୍କ ନେତୃତ୍ୱରେ ଜଷ୍ଟିସ୍ ଅଭିତାଭ ରାୟ ଓ ଜଷ୍ଟିସ୍ ଏ ଏମ୍ ଖାନବିଲକରଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ମାମଲାର **(ପୃଷ୍ଠା-୭)**



ଜିଲ୍ଲାଜଜ୍ଙ୍କ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କଲେ କେ. ମାଧବୀ

ଭୁବନେଶ୍ୱର, ୧୬।୨ (ସକାଳ ଖବର): ବ୍ରହ୍ମପୁରର ମେୟର କେ. ମାଧବୀ ଗଂଜାମ ଜିଲ୍ଲା ଜଜଙ୍କ ରାୟକୁ ଚ୍ୟାଲେଞ୍ଜ କରିବା ପାଇଁ ଆଜି ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ତାଙ୍କ ବିଭାଗ ସମ୍ପର୍କରେ କେତେକ ତଥ୍ୟ ଦେଇନଥିବାରୁ ତାଙ୍କର ସଭ୍ୟପଦ ରଦ୍ଦ କରିବା ପାଇଁ ପୂର୍ବତନ ମେୟର ଶିବ ଶଙ୍କର ଦାସ ପିଟିସନ ଦେଇଥିଲେ । ଏହି ପିଟିସନକୁ ଶୁଣାଣୀ କରି ଜଜ ତାଙ୍କ ପଦବୀ ରଦ୍ଦ କରିଥିଲେ ।



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ

ହୁଣ୍ଡିର ଆୟ (୧୬.୨.୧୮)
୧,୫୦,୯୪୩

ପିଏନ୍‌ବି ମହାଠକେଇ

ନିରବ ମୋଦିକୁ ଧରିବାକୁ ସିବିଆଇ, ଇଣ୍ଟରପୋଲ ସକ୍ରିୟ

ନୂଆଦିଲ୍ଲୀ, ୧୬।୨: ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ହୋଇଥିବା ମହା ଠକେଇ ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦ୍ରୁତ ଗତିରେ ଜାରି ରହିଛି । ସିବିଆଇ ପିଏନବିର ପୂର୍ବତନ ଅଧିକାରୀ ଗୋକୁଳନାଥ ସେଟ୍ଟୀଙ୍କ ଘରେ ପହଞ୍ଚିଛି । ସିବିଆଇ ଗୀତାଞ୍ଜଳୀ ଗ୍ରୁପର ସୋ ରୁମରେ ମଧ୍ୟ ଚଢ଼ାଉ ଆରମ୍ଭ କରିଛି । ଅନ୍ୟପଟେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ନିଜର ୧୮ କର୍ମଚାରୀଙ୍କୁ ନିଲମ୍ବିତ କରିଛି । ସିବିଆଇ ପିଏନ୍‌ବିର ଅଭିଯୋଗ ଆଧାରରେ ମେହୁଲ ଚୌକିସୀର ଗୀତାଞ୍ଜଳୀ ଗ୍ରୁପ ବିରୋଧେ ମାମଲା ରୁଜୁ କରିଛି । ପିଏନବି ଗୀତାଞ୍ଜଳୀ ଗ୍ରୁପ ବିରୋଧରେ ଫେବୃଆରୀ ୧୩ରେ ଅଭିଯୋଗ କରିଥିଲା । ପ୍ରାୟ ୧୧୩୦୦ କୋଟି ଟଙ୍କା ମହା ଠକେଇର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦୀ, ତାର ପତ୍ନୀ ଅମୀ ମୋଦୀ, ଭାଇ ମିଶାଲ ମୋଦୀ ଏବଂ **(ପୃଷ୍ଠା-୭)**

୨୫୬୪ ପଞ୍ଚାୟତକୁ ଇଣ୍ଟରନେଟ୍ ସଂଯୋଗ କରାଯିବ

- ■ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ
- ■ ୩୫୧.୬୦ କୋଟି ଟଙ୍କାର ବ୍ୟୟ ଅଟକଳ ଅନୁମୋଦିତ
- ■ ୧୧୨୮ ବୈଷୟିକ ଅଧିକାରୀ ଏବଂ ୧୯୮ ସହାୟକ କର୍ମଚାରୀଙ୍କୁ ନିୟୋଜିତ ହେବେ

ଭୁବନେଶ୍ୱର,୧୬।୨ (ସକାଳ ଖବର): ଭାରତନେଟ୍-୨ୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଓଡ଼ିଶା ପାୱାର ଟ୍ରାନ୍ସମିସନ୍ ନିଗମ ଲିଃ ମାଧ୍ୟମରେ ୧୫ ଟି ଜିଲ୍ଲାର ୨୫୬୪ ଟି ଗ୍ରାମ ପଞ୍ଚାୟତକୁ ଇଣ୍ଟରନେଟ୍ ସଂଯୋଗ କରାଯିବ । ରାଜ୍ୟ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟାନ୍ୱୟନ କମିଟି ବୈଠକରେ ଏ ବିଷୟରେ ସବିଶେଷ ଆଲୋଚନା ହୋଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା । ଶକ୍ତି ବିଭାଗ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା ଯୋଜନାର ରୂପରେଖ ଏବଂ ବର୍ତ୍ତମାନ ସ୍ଥିତି ବିଷୟରେ ସଦ୍ୟତନ ତଥ୍ୟ ଉପସ୍ଥାପନ କରିଥିଲେ । ଭାରତ ସରକାରଙ୍କ ଟେଲିକମ୍ ବିଭାଗ ଅଧିନସ୍ଥ ୟୁନିଭରସାଲ୍ ଓବ୍ଲିଗେଟୋରୀ ସର୍ଭିସ ପାଣ୍ଠି (ଓ.ୟୁ.ଏସ୍.ଏଫ୍) ର ମୁଖ୍ୟ ପ୍ରଶାସକ ଶ୍ରୀ ସଞ୍ଜୟ ସିଂ ବୈଠକରେ ଯୋଗଦେଇଥିଲେ । ଓଡ଼ିଶାରେ ଇଣ୍ଟରନେଟ୍ ଏବଂ ଡାଟା ଯୋଗାଯୋଗ କ୍ଷେତ୍ରରେ ଅନେକ ସମସ୍ୟା ରହିଛି ଏବଂ ଏହାର ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଦରକାର ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ଓ.ୟୁ.ଏସ୍.ଏଫ୍ ର ପ୍ରଶାସକଙ୍କୁ ଜଣାଇଥିଲେ । ଭାରତନେଟ୍-୨ୟ ପର୍ଯ୍ୟାୟରେ ସମସ୍ତ ଟେଲିକମ୍ ଟାୱାରକୁ ୨-ଜି ଏବଂ ୪-ଜି ଟାୱାରରେ ରୂପାନ୍ତରିତ କରାଯିବ ବୋଲି ଶ୍ରୀ ସିଂ ଜଣାଇଥିଲେ । ଭାରତନେଟ୍-୧ମ ପର୍ଯ୍ୟାୟରେ ଆରମ୍ଭ କରାଯାଇଥିବା ୧୮ ଟି ଜିଲ୍ଲାର ୩୮୪୬ ଗ୍ରାମ ପଂଚାୟତକୁ ଇଂଟରନେଟ୍ ଯୋଗାଯୋଗ ସ୍ଥାପନ କାର୍ଯ୍ୟ ଚଳିତ ବର୍ଷ ମାର୍ଚ୍ଚ ଶେଷସୁଦ୍ଧା ଶେଷ କରିବା ପାଇଁ ଶ୍ରୀ ସିଂ ବି.ଏସ୍.ଏନ୍.ଏଲ୍. ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ **(ପୃଷ୍ଠା-୭)**

SæÝ ™Mæ{Àÿ ÉÉ þ¢ÿÀÿ dæ†ÿ SÀÿ†ÿÀÿ

10þ Bœÿ Î æ{àÿÓœÿ {¨æSæþ Aœÿ Ï †ÿ

Lÿs ¨†ÿÏæ Dû¯ÿ{Àÿ D{œÿæ`ÿœÿ {Üÿàÿæ xÿæLÿ sLÿs

{àÿæLÿÓó¨Lÿ {ä†ÿ{Àÿ Óæ¨†ÿLÿ ™æÀÿæÀÿ SÀÿ†ÿ

ÓÀÿÓ†ÿê ÉÉ ¯ÿ’ÿ¿æ þ¢ÿÀÿÀÿ †ÿ†ÿêß ¯ÿæÌLÿ Dû¯ÿ

BØ†ÿ LÿæÀÿQæœÿæ ¨ÿæÀÿæ ÓüÿÀÿ†ÿæ ÓüÿLÿæ{Àÿ ¯ÿæÖ fê¯ÿœÿÀÿ ¨¿æxÿþ¿æœÿZÿ ¨LÿÀÿ Lÿæ¾ÿ

{ÀÿÀÿ ¯ÿ¦~æß ¯ÿæÀÿæ ¯ÿÉÀÿ Aœÿ¿†ÿþ

¨¤ÿ ¯ÿæÀÿ æšæ†ÿ

¨ÿ{Ë ¾ÿ†ÿ ¯ÿ{ÖfÿÀÿ ™ÀÿæÀÿ Sÿþ

ପୂର୍ବ ତଟ ରେଳପଥ

ବୈଦ୍ୟୁତିକ କାର୍ଯ୍ୟ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.BBS-EL-C-T-300E, ତା.12.02.2018ରିଖ

କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଭଦ୍ରକ-ନିର୍ଗୁଣ୍ଡି ମଧ୍ୟରେ ତୃତୀୟ ଲାଇନ୍ ଏବଂ ସାଳଗାଁ-ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ସମ୍ବନ୍ଧୀୟ ୟାର୍ଡ଼ଗୁଡ଼ିକରେ ରୂପାନ୍ତରଣ ସହିତ କପିଳାସ ରୋଡ୍ ଠାରୁ ନିର୍ଗୁଣ୍ଡି ସେକ୍ସନ ପର୍ଯ୍ୟନ୍ତ ଏବଂ ୟାର୍ଡ଼ଗୁଡ଼ିକରେ ରୂପାନ୍ତରଣ ସହିତ ସାଳଗାଁ ଠାରୁ ରାଜଆଠଗଡ଼ ସେକ୍ସନ ପର୍ଯ୍ୟନ୍ତ 25KV OHE ର ଡିଜାଇନ୍(Design), ଯୋଗାଣ, ଉତ୍ଥାପନ (Erection), ପରୀକ୍ଷଣ ଏବଂ ସମ୍ପାଦନ (Commissioning)।"

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2391.10 ଲକ୍ଷ, EMD (ଟଙ୍କାରେ) : 13,45,560/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 10,000/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.23.03.2018 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/
ଭୁବନେଶ୍ୱର

PR-198/CA/17-18

OFFICE OF THE MUNICIPAL, JODA

No. 755/ **dt. 16.02.2018**

QUOTATION CALL NOTICE

Sealed quotation (s) are invited from the reputed authorized supplier/Manufacturers/Engineering firm having valid GST registration, PAN and up to date Tax clearance for supply of water tanker to Joda Municipality as detailed below. The quotation(s) will be received by 26.02.2018 within 1 P.M. and will be opened on same day at 3.30 P.M. in presence of the quotationer(s) or their authorized agent(s). The quotation(s) received after the stipulated date, time and any postal delay shall not be accepted and summarily be rejected without further notice. The quotationer(s) should enclose demand draft of Rs. 3000/- (Rupees Three Thousand) only towards paper cost (Non-refundable) drwan in favour of Executive Officer, Joda Municipality payable at Joda along with the quotations.

The undersigned reserves the right to accept or cancel any or all quotations without assigning any reason thereof.

Sl. No.	Specification	Quantity of requirment	Rate per each (INR) (In figures/In words)
1	2	3	4
1	Two wheel water tanker 3000 ltrs Capacity to be quoted for different Gause of manufacturing mentioning the detail specification of chechies and tyres.	2 Nos	

Executive Officer
Joda Municipality

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com
Editor - Amit Kumar Mallick